Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୦୯**

ନ.-୧୯୭ (ଓଡିଆ ବୁଲେଟିନ)
ତାରିଖ- ୦୧.୦୩.୨୦୨୪

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

- ଫେବ୍ରୁୟାରୀ-ମାର୍ଚ ହେଉଛି ଝୁଡଙ୍ଗ, ଗୁଆଁର, କଖାରୁ, କାକୁଡି ଏବଂ ତରଭୁଜ ଲଗାଇବାର ଉପଯୁକ୍ତ ସମୟ ।
- ପନିପରିବା ଚାରା କୁ □ଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ ।
- ରାସାୟନିକ ଉପାୟରେ ଜୀବାଣୁଜନିତ ପତ୍ରପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦- ଗ୍ରାମ Copper Hydroxide ନାମକ ଔଷଧ କିମ୍ବା ୨୦୦-ଗ୍ରାମ Plantomycin ସହିତ ୬୦୦-ଗ୍ରାମ Copper Oxy Chloride ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ମହିଷା ରୋଗର ଲକ୍ଷଣ ଦେଖାଗଲେ, ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ tebuconazole ୫୦% ସହିତ trifloxystrobin ୨୫% W.G. କିମ୍ବା isoprothiolane ୪୦ E.C. ୩୦୦ ମି.ଲି. ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ ।
- କାଜୁବାଦାମ ଫସଲରେ ଚେର ଏବଂ କାଣ୍ଡ ବିନ୍ଧା ପୋକ ର ନିବାରଣ ପାଇଁ କ୍ଷତିଗ୍ରସ୍ତ କିମ୍ବା ସୁଡଙ୍ଗ ହୋଇଥିବା ଗଛ ଛାଲ କୁ ହଟାଇ ଦି□ନ୍ତୁ (ଧ୍ୟାନ ରଖିବେ ଯେମିତି ଛାଲ ର ସର୍ବନିମ୍ନ ୫୦ ପ୍ରତିଶତ ରହିବ) ।
- ସୋରିଷ ଗଛରେ ଛୁଇଁ ଗୁଡିକ ହଳଦିଆ ବାଦାମି ରଙ୍ଗର ହୋଇ ପତ୍ର ଝଡିବା □ବସ୍ଥା ରେ ସକାଳ ସମୟ ରେ ଗଛ କାଟନ୍ତୁ । ଡେରିରେ □ମଳ କଲେ ମଞ୍ଜି ଗୁଡିକ ଝଡି ପଡିବାର ସମ୍ଭାବନା ରହିଥାଏ। ଗଛ କାଟି ସାରିବା ପରେ ବିଡା ବାନ୍ଧି ୫-୬ ଦିନ ଟାଣ ଖରା ରେ ଶୁଖାଇ □ମଳ କରନ୍ତୁ। □ମଳ କରି ସାରିବା ପରେ ମଞ୍ଜି ଗୁଡିକୁ ସାଇତି ରଖିବା ପାଇଁ ଭଲ ଭାବରେ ଖରା ରେ ଶୁଖାଇ ଜଳୀୟ □ଂଶ ୮ ଶତକଡା ରଖନ୍ତୁ।
- ଆଳୁ ଲଗାଇବାର ୭୫-୮୫ ଦିନ ପରେ ଏହାକୁ □ମଳ କରି ଦି□ନ୍ତୁ । ଆହୁରି ଯେମିତି ଧ୍ୟାନ ଦେବେ ଜମି ରେ □ଧିକାଂଶ ପତ୍ର ଗୁଡିକ ହଳଦିଆ ରୁ ବାଦାମି ରଙ୍ଗ ହେଇଯାଇଥିବ । □ମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନ କୁ ବନ୍ଦ କରି ଦି□ନ୍ତୁ । ସମସ୍ତ □ମଳ କରା ଯାଇଥିବା ଆଳୁ କୁ ଛାଇ ରେ ୨୪ ଘଣ୍ଟା ପାଇଁ ରଖନ୍ତୁ । ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁ କୁ □ଲଗାଇ ଦି□ନ୍ତୁ ।
- ଚିନାବାଦାମ, ବିରି ଓ ମୁଗ ରେ ଧୂଆଁ ପତ୍ର ଗୋଟି ପୋକ ଗୁଡିକ ର ପରିଚାଳନା ପାଇଁ ପ୍ରାଥମିକ □ବସ୍ଥା ରେ ନିୟମିତ ସର୍ବେକ୍ଷଣ କରି □ଣ୍ଡା ପୁଞ୍ଜ ଓ ପୋକ ଗୁଡିକୁ ସଂଗ୍ରାହ କରି ନଷ୍ଟ କରି ଦି□ନ୍ତୁ ।ଏକର ପ୍ରତି ଷ୍ଟୋଡଲିଓର ଥିବା ସାଙ୍ଗ ଆକର୍ଷକ ଯନ୍ତା ରୁ ୬ ରୁ ୮ ଟି ରଖନ୍ତୁ। ପୋକ ଗୁଡିକ ଗୋଟେ କିଆରି ରୁ □ନ୍ୟ କିଆରି କୁ ନ ଯିବା ପାଇଁ ହିଡ ରେ ଏକର ପ୍ରତି ୧୦ କିଗ୍ରା Chlorpyriphos ୧.୫% D ଗୁଣ୍ଡ ପ୍ରୟୋଗ କରନ୍ତୁ ।

### ଧାନ(ଡାଲୁ□):

**କାଣ୍ଡବିନ୍ଧା ପୋକ**

ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି। ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୪-କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୮-କିଲୋଗ୍ରାମ Cartap hydrochloride ୪ G ନାମକ ଦାନାଦାର କୀଟନାଶକ, ସମାନ ଓଜନ ର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୬୦-ମିଲି Chlorantraniliprole ତରଳ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଘାସ ନିୟନ୍ତ୍ରଣ**

ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ରୁଆ କିମ୍ବା କାଦୁ଼ା ବୁଣା ଧାନ ରେ ପ୍ରାକ ତୃଣକ ମାରି ପ୍ରୟୋଗ କରି ନାହାନ୍ତି ତେବେ ମିଶ୍ରିତ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦ ମିଲି Bispyribac Sodium ନାମକ ଘାସମରା ଔଷଧ କିମ୍ବା Ethoxysulfuron ନାମକ ଘାସମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥା ରେ ସିଂଚନ କରନ୍ତୁ । କେବଳ ଚଉଡା ପତ୍ରିଆ ଘାସ ଦମନ ପାଇଁ ଏକର ପ୍ରତି ୮ –ଗ୍ରାମ Metsulfuron methyl ଏବଂ Chlorimuronethyl ର ମିଳିତ ଘାସମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ଆଖୁ:**

ବିହନ ସଢା

ଆଖୁ ଲଗାଇବା ପରେ ମୁଖ୍ୟ ଜମିରେ ଏହି ରୋଗ ଦେଖାଦେଲେ ଏକର ପ୍ରତି ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦- ଲିଟର ପାଣିରେ ମିଶାଇ ମାଟି କୁ ଭଲ ଭାବରେ ଭିଜାନ୍ତୁ କିମ୍ବା ୪୦୦-ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ବିରି ଓ ମୁଗ:**

ପାଉଶଁଆ ରୋଗ

ବିରି ଏବଂ ମୁଗ ଫସଲ ରେ ପାଉଶଁଆ ରୋଗର ପରିଚାଳନା ପାଇଁଏକର ପ୍ରତି ୮୦୦ ଗ୍ରାମ Sulphur ନାମକ ଫିମ୍ପିନାଶକ କିମ୍ବା ୩୦୦ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Propiconazole ନାମକ ଫିମ୍ପିନାଶକ କିମ୍ବା ୧୦୦-ମିଲି Penconazole ନାମକ ଫିମ୍ପିନାଶକ ଯାହାକି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଚିନାବାଦାମ:**

ଧୂଆଁ ପତ୍ର ଗୋଟି ପୋକ

ଚିନାବାଦାମ ଫସଲରେ ଧୂଆଁ ପତ୍ର ଗୋଟି ପୋକ ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Novaluron ଓ Indoxacarb ର ମିଳିତ କୀଟନାଶକ କିମ୍ବା ୩୦୦- ମିଲି Lambda Cyhalothrin ନାମକ କୀଟନାଶକ କିମ୍ବା ୧୨୦- ଗ୍ରାମ Flubendiamide ନାମକ କୀଟନାଶକ, ୨୦୦-ଲିଟର ପାଣେିର ମିଶାଇ ସିଂଚନ କରନ୍ତୁ ।

**ସୋରିଷ:**

ନିମ୍ନମୁଖି ପାଉଁଶିଆ ରୋଗ ପରିଚାଳନା

ସୋରିଷ ଫସଲରେ ନିମ୍ନମୁଖୀ ପାଉଁଶିଆ ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Metalaxyl ଆଉ Mancozeb ର ମିଳିତ ଫିମ୍ପିନାଶକ କିମ୍ବା ୫୦୦ ଗ୍ରାମ Cymoxanil ଓ Mancozeb ର ମିଳିତ ଫିମ୍ପିନାଶକ କିମ୍ବା ୬୦୦ ଗ୍ରାମ Fosetyl-A1 ନାମକ ଫିମ୍ପିନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ ।

**ବାଇଗଣ**

ଛୋଟ ପତ୍ର ରୋଗ

ବାଇଗଣ ର ଛୋଟ ପତ୍ର ରୋଗର ପରିଚାଳନା ପାଇଁ ପ୍ରଥମେ ଜମି ରୁ ରୋଗାକ୍ରାନ୍ତ ଗଛ ଗୁଡକୁ ଓପାଡି ଦୂରରେ ପୋତିଦିଅନ୍ତୁ। ଏହି ରୋଗର ବାହକ ପତ୍ରଡିଆଁ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ -ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦-ଗ୍ରାମ Flonicamid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଆଳୁ:**

କଟା ପୋକ

ଆଳୁ ଫସଲ ରେ କଟା ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ପୋକ ଗୁଡିକ ରାତ୍ରଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟ ରେ ସିଂଚନ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ chlorpyriphos ଗୁଣ୍ଡ କୁ ହୁଡା ଉପରେ ପ୍ରୟୋଗ କରନ୍ତୁ।

**କୋବି ଜାତୀୟ ପନିପରିବା :**

ପତ୍ରଛଦା ପୋକ ଓ ବନ୍ଧାକୋବି ବିନ୍ଧା ପୋକ

ଏହି ପୋକ ଗୁଡିକର ପରିଚାଳନା ପାଇଁ ନିୟମିତ ଭାବରେ ଫସଲ ର ସର୍ବେକ୍ଷେଣ କରି ଶୁକ ଓ ଅଣ୍ଡା ପୁଞ୍ଜ ଗୁଡିକୁ ହାତରେ ଧରି ନଷ୍ଟ

କରି ଦି□ନ୍ତୁ ।ପ୍ରାଥମିକ □ବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ ମିଳୁଛି କିମ୍ବା ୭୫ ମିଲି Spinosad, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ:**

ପତ୍ର ଉକୁଣୀ ପୋକ

ପ୍ରାଥମିକ □ବସ୍ଥା ରେ ପତ୍ର ଉକୁଣୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି .ଲି.ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ପତ୍ର ଉକୁଣି ପୋକ ର ରାସାୟନକି ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ □ଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

□ଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ □ଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯା□ଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ □ଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)